## ସଂକ୍ଷେପରେ

### ପୋଖରୀରେ ବୁଡି ଶିଶୁ ଗୁରୁତର

ଦିଗପହଣ୍ଡି,୯।୫(ଡି.ଏନ.ଏ.): ଦିଗପହଣ୍ଡି ଥାନା ଛଣମେରୀ ଗାଁ ପୋଖରୀରେ ବୁଡି ଯାଉଥିବା ବେଳେ ଗୁରୁତର ଅବସ୍ଥାରେ ଜଣେ ୫ ବର୍ଷର ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଗୁରୁତର ଶିଶୁ ଜଣକ ହେଲେ ଭୁବନେଶ୍ୱରର ଶୁଭ୍ରାଂଶୁ ମହାପାତ୍ର। ଗୁରୁବାର ଶୁଭ୍ରାଂଶୁଙ୍କ ପରିବାର ଏକ ଭୋଜି କାର୍ଯ୍ୟରେ ଯୋଗଦେବା ପାଇଁ ଛଣମେରୀ ଗାଁକୁ ଆସିଥିଲେ। ସମସ୍ତେ ଭୋଜିରେ ବ୍ୟସ୍ତ ଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ଶୁଭ୍ରାଂଶୁ ପୋଖରୀକୁ ଗୋଡ ଧୋଇବାକୁ ଯାଇଥିଲେ। ଶିଉଳୀରେ ଗୋଡ ଖସିଯିବାରୁ ଗଭୀର ପାଣି ମଧ୍ୟକୁ ଚାଲି ଯାଇଥିଲେ। ନିକଟରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ଆମ ପୋଲିସ ପକ୍ଷରୁ ଜଳଛତ୍ର



ହିଞ୍ଜିଳିକାଟୁ, ୯।୫(ଡି.ଏନ୍.ଏ.): ହିଞ୍ଜିଳି ଥାନା ଆମ ପୋଲିସ ସମିତି ପକ୍ଷରୁ ବୁଧବାର ପରିବା ବଜାର ନିକଟରେ ଜଳଛତ୍ର ଖୋଲାଯାଇଛି। ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଦିନ ଦହି ସରବତ ବଣ୍ଟନ କରାଯାଇଥିଲା। ଆଇଆଇସି ଅଭିମନ୍ୟୁ ଦାଶଙ୍କ ସମେତ ବିଶ୍ୱଜିତ ନାୟକ, ପ୍ରଦୀପ୍ତ କୁମାର ଦାଶ, ରାଜନ ବିଷୋୟୀ, ରାଜୀବ ପାଢ଼ୀ ସୁବଳ ପ୍ରଧାନ ପ୍ରମୁଖ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ମକରଝୋଳ ଠାକୁରାଣୀ ଯାତ୍ରା ଆରମ୍ଭ

ହିଞ୍ଜିଳିକାଟୁ,୯।୫(ଡି.ଏନ୍.ଏ.): ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ଗ୍ରାମରେ ସୋମବାରଠାରୁ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ପ୍ରତି ୧୦ବର୍ଷରେ ଥରେ ହେଉଥିବା ଏହି ଯାତ୍ରା ଅବସରରେ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ବିଜେ ଠାକୁରାଣୀଙ୍କ ଘଟ ଗ୍ରାମ ପରିକ୍ରମା କରିବ। ବୁଧବାର ମା'ଙ୍କ ଘଟ ଗ୍ରାମ ପରିକ୍ରମା କରିଥିଲା। ଯାତ୍ରା ଲାଗି ଗ୍ରାମକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ମୀନା ବଜାର ଖୋଲିଛି। ମା'ଙ୍କ ଘଟ ପରିକ୍ରମାରେ ଗ୍ରାମର ବହୁ ମହିଳା ଓ ପୁରୁଷ ସାମିଲ ହେଉଛନ୍ତି। ଆସନ୍ତା ୧୫ ତାରିଖ ଯାଏ ଏହି ଯାତ୍ରା ଚାଲିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

### ବାତ୍ୟାବିପନ୍ନଙ୍କ ପାଇଁ ଅଣ୍ଟା ଭିଡ଼ିଛି ଅଟଳ ଯୁବବାହିନୀ

କନିଷି,୯।୫(ଡି.ଏନ.ଏ.): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅଟଳ ଯୁବ ବାହିନୀ ସଂଯୋଜକ ଶୁଭାଶିଷ ସାହୁଙ୍କ ନେତୃତ୍ୱରେ ଗୁରୁବାର କନିଷି ହାଟରୁ ଦୁଇଟି ଗାଡ଼ିରେ ରିଲିଫ ସାମଗ୍ରୀ ସହ ୪ ହଜାର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ଜଳଖିଆ ସମେତ ଶୁଖିଲା ଖାଦ୍ୟ ବିସ୍କୁଟ, ପାଣି ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ସଂଗ୍ରହ କରି ପୁରୀ ଅଭିମୁଖେ ବାହାରିଛନ୍ତି। ଅଟଳ ଯୁବ ବାହିନୀର ୨୫ ଜଣିଆ ଟିମ୍ ପୁରୀ, ସାକ୍ଷୀଗୋପାଳ ଅଞ୍ଚଳରେ ପହଞ୍ଚି ବାତ୍ୟା ବିପନ୍ନମାନଙ୍କୁ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଯୋଜକ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଳୟଙ୍କାରୀ ବାତ୍ୟା ଫନୀ ପ୍ରଭାବରେ ପୁରୀ ସହର ବିଚ୍ଛିନ୍ନ ହୋଇଯାଇଛି । ସେମାନଙ୍କ ପାଖରେ ଖାଇବା ଓ ପିଇବା ପାଇଁ କିଛି ନାହିଁ। ଭୋକ ଉପାସରେ ଶଡୁଛନ୍ତି ବିପନ୍ନ। ଏହାକୁ ଦୃଷ୍ଟିରେ ରଖି ବାତ୍ୟା ବିପନ୍ନମାନଙ୍କୁ କିଛି ମାତ୍ରାରେ ସହଯୋଗର ହାତ ବଢ଼ାଇଛନ୍ତି ଗୋପାଳପୁର ନିର୍ବାଚନ ମଣ୍ଡଳୀର ଅଟଳ ଯୁବ ବାହିନୀର ସଦସ୍ୟମାନେ। ସନତ କୁମାର ନାୟକ, ଗଙ୍ଗାଧର ଶତପଥୀ, ରଜତ କୁମାର ପଣ୍ଡିତ, ସୁନୀଲ ପାତ୍ର, ଜିତୁ ପାତ୍ର, କନ୍ହେୟା ପାତ୍ର, ସାଗର ପାତ୍ର, ବଳିଆ ଗୌଡ଼, ଅଜିତ କୁମାର ଦଳେଇ, ସନ୍ଦୀପ ପାତ୍ର, ଆଶିଷ କୁମାର ଓ ଭେଙ୍କେଟ ରେଡ୍ଡୀଙ୍କ ସମେତ ୨୫ ଜଣ ପୁରୀ ଯାତ୍ରା କରିଛନ୍ତି ।

### ଚୋରି ଅଭିଯୋଗ

ବେଗୁନିଆପଡା,୯।୫(ଡି.ଏନ.ଏ.): ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ବିକେଖିମା ପଞ୍ଚାୟତ ଥୁଆମୂଳ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଭଞ୍ଜ କିଶୋର ଜେନାଙ୍କ ଘର ପଛପଟ କବାଟ ଭାଙ୍ଗି କେହି ଦୁର୍ବୃତ୍ତ ତାଙ୍କର ୪୦ ହଜାର ଟଙ୍କା, କାନଫୁଲ, ମଙ୍ଗଳସୂତ୍ର, ମୁଦି ଏବଂ କେତେକ ଲୁଗାପଟା ଚୋରି ହୋଇଥିବା ନେଇ ସେ ବେଗୁନିଆପଡା ଫାଣ୍ଡିରେ ଏତଲା ଦେଇଛନ୍ତି। ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏତଲା ଗ୍ରହଣ କରିବା ସହ ଅନୁସନ୍ଧାନ ଜାରି ରହିଛି ।



ମନ୍ଦିର ଫାଟକ ନିର୍ମାଣ ଚାଲିଛି।



ବେଲେଶ୍ୱର ମହାଦେବ



ମୁଖ୍ୟ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟାୟରେ।

# ବେଲେଶ୍ୱରରେ ପ୍ରତିଷ୍ଠା ହେବ ୭ ମନ୍ଦିର

■ଉଦ୍‌ଘାଟନ ହେବ ଲେଜର ଶୋ, ଆମ୍ବୁଲାନ୍ସ ସେବା, ପାଠାଗାର
■୨୫ରୁ ୨୯ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ

ଭଞ୍ଜନଗର,୯।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଜଳଭଣ୍ଡାରକୁ ଲାଗିଥିବା ରାଜ୍ୟର ପ୍ରସିଦ୍ଧ ବେଲେଶ୍ୱର ପୀଠରେ ଆଉ ୭ ନୂଆ ମନ୍ଦିର ପ୍ରତିଷ୍ଠା ହେବ। ସେଥିମଧ୍ୟରେ ୪ ଶିବ ମନ୍ଦିର, ଗଣେଶ ମନ୍ଦିର, କାର୍ତ୍ତିକେଶ୍ୱର ମନ୍ଦିର ଓ ପାର୍ବତୀ ମନ୍ଦିର ରହିଛି। ପୂର୍ବରୁ ଗୋଟିଏ ଶିବ ମନ୍ଦିର ବେଲେଶ୍ୱର ପୀଠରେ ଅଛି। ନୂଆ ମନ୍ଦିର ପ୍ରତିଷ୍ଠା ହେବାପରେ ପଞ୍ଚ ଲିଙ୍ଗେଶ୍ୱର ମନ୍ଦିର ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ମୁଖ୍ୟ ମନ୍ଦିରଟି ଲିଙ୍ଗରାଜ ମନ୍ଦିର ଆକୃତିର ପଥରରେ ନିର୍ମାଣ କରାଯାଇଛି। ଚଳିତ ମାସ ୨୫ରୁ ୨୯ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ୨୫ ତାରିଖରେ ଭଞ୍ଜନଗର ଲୋହରାଖଣ୍ଡି ନଦୀରୁ ବିରାଟ କଳସ ଶୋଭାଯାତ୍ରା ବାହାରିବ। ୨୬ ସନ୍ଧ୍ୟାରେ ବ୍ରହ୍ମପୁର ନିକଟସ୍ଥ ଆଙ୍କୁଶପୁର ଇସ୍କନ ମନ୍ଦିର ପକ୍ଷରୁ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ହେବ। ୨୭ ଓ ୨୮ରେ ପ୍ରବଚକ ଚାରଣ ରାମଦାସ ଏଠାରେ ପ୍ରବଚନ ଦେବେ। ୨୯ରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ, ରବୀନ୍ଦ୍ର ମହାପାତ୍ର, ମାନସି ଦାସ, ଅନସୂୟା ନାଥ ପ୍ରମୁଖ ଯୋଗଦେଇ ଭଜନ ପରିବେଷଣ କରିବେ। ଏଥିସହ ଉକ୍ତଦିନ ନଗର ଭ୍ରମଣ, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ହେବ। ବିଭିନ୍ନ ଦିବସରେ ଅନ୍ନଯଜ୍ଞ, ନାମଯଜ୍ଞ ପ୍ରମୁଖ କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠା ଉତ୍ସବ ତାରିଖ ନିକଟତର ହେଉଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଦ୍ରୁତଗତିରେ ଚାଲିଛି। ଉତ୍ସବକୁ ସଫଳ କରିବା ପାଇଁ ବିଡ଼େକାର ସଭ୍ୟାସଭ୍ୟମାନେ ଚେଷ୍ଟା ଚଳାଇଛନ୍ତି। ଭଞ୍ଜନଗର ଜଳସେଚନ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ଅଧୀନରେ ପରିଚାଳିତ ହେଉଥିବା ବେଲେଶ୍ୱର ପୀଠରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଦର୍ଶକଙ୍କ ଆକର୍ଷଣ ପାଇଁ ବେଲେଶ୍ୱର ଭଜନ ଉପରେ ଲେଜର ଶୋ ୨୯ ତାରିଖରେ ଉଦ୍‌ଘାଟିତ ହେବ। ଅଞ୍ଚଳବାସୀଙ୍କ ସୁବିଧା ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ। ବିଡ଼େକା ପକ୍ଷରୁ ବହୁ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ବିଗତ ଦିନମାନଙ୍କ ମଧ୍ୟରେ ହାତକୁ ନିଆଯାଇଥିବା ବେଳେ ଆମ୍ବୁଲାନ୍ସ ସେବା ଏକ ବଡ଼ ପଦକ୍ଷେପ। ଏହା ମାଧ୍ୟମରେ ଭଞ୍ଜନଗର ମେଡ଼ିକାଲରୁ ରୋଗୀଙ୍କୁ ରାଜ୍ୟର ବିଭିନ୍ନ ମେଡ଼ିକାଲକୁ ଚିକିତ୍ସା ପାଇଁ ନେବାର ବ୍ୟବସ୍ଥା ଅଛି। ଏନେଇ ରୋଗୀଙ୍କୁ କେବଳ ତେଲ ଖର୍ଚ୍ଚ ବହନ କରିବାକୁ ପଡ଼ିବ। ଶୀତତାପ ନିୟନ୍ତ୍ରିତ ପାଠାଗାର, ଭୋଗ ମଣ୍ଡପ ଓ ବେଲେଶ୍ୱର ଭଜନ ସିଡ଼ି ୩ ମଧ୍ୟ ୨୯ ତାରିଖରେ ଉଦ୍‌ଘାଟିତ ହେବ।

ପ୍ରକାଶ ଯେ, ଭଞ୍ଜନଗର ଜଳଭଣ୍ଡାର ମଧ୍ୟରେ ପୂର୍ବରୁ ଏକ ମନ୍ଦିର ଥିଲା। ଜଳଭଣ୍ଡାର ନିର୍ମାଣ ସମୟରେ ଉକ୍ତ ମନ୍ଦିର ଛେଦାଭୂମିକୁ ସ୍ଥାନାନ୍ତର ହୋଇଥିଲା। ଲୋକ କଥାରୁ ଶୁଣାଯାଏ ଯେ, ବହୁବର୍ଷ ପୂର୍ବେ ଜଣେ ଭକ୍ତଙ୍କୁ ସ୍ୱପ୍ନ ହୋଇଥିଲା ଯେ ଜଳଭଣ୍ଡାରକୁ ଲାଗିଥିବା ପାହାଡ଼ ଉପରେ ମହାଦେବ ବେଲେଶ୍ୱର ଅଛନ୍ତି। ଫଳରେ ୨୦୧୩ରେ ବେଲେଶ୍ୱର ମନ୍ଦିର ସ୍ଥାପନ ହୋଇଥିଲା। ଏଥିସହ ଓଡ଼ିଶାର ସର୍ବୋଚ୍ଚ ଶିବ ପ୍ରତିମା ସେଠାରେ ସ୍ଥାପନ ହୋଇଛି। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବେଲେଶ୍ୱର ପୀଠ ବର୍ତ୍ତମାନ ପରିଚିତ। ତେଣୁ ଦୈନନ୍ଦିନ ଉକ୍ତ ମନ୍ଦିରକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି।

## ମଦ ବନ୍ଦକୁ ସୁମଣ୍ଡଳ ପଞ୍ଚାୟତବାସୀଙ୍କ ସମର୍ଥନ

ବେଗୁନିଆପଡା,୯।୫(ଡି.ଏନ.ଏ.)



ପଞ୍ଚାୟତବାସୀଙ୍କ ବୈଠକ।

**ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ବିରୋଧ ପାଇଁ ଚେତାବନୀ**

କୋଦଳା ଥାନା ସୁମଣ୍ଡଳ ଠାରେ ଗତ ୧ ତାରିଖରେ ସୁମଣ୍ଡଳ ପଞ୍ଚାୟତକୁ ମଦମୁକ୍ତ କରିବା ସହ ପଞ୍ଚାୟତ ଭିତରେ କୌଣସି ମଦ ଦୋକାନ ନ ଖୋଲିବା ଓ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଶତାଧିକ ମହିଳା ଓ ପୁରୁଷ ଆନ୍ଦୋଳନ କରିଥିଲେ। ଦୀର୍ଘ ୮ ଘଣ୍ଟା ଧରି ରାସ୍ତାରୋକୋ କରିବା ପରେ ସ୍ଥାୟୀ ସମାଧାନ ନ ହେବାରୁ ୨ଟି ମଦ ଦୋକାନ ଓ ଗୋଟିଏ ମଦ ଭାଟିରେ ଉତ୍ତ୍ୟକ୍ତ ମହିଳା ନିଆଁ ଲଗାଇବା ପରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ପରେ ଆନ୍ଦୋଳନକାରୀଙ୍କ ବିରୋଧରେ ୪ ପୃଥକ ମାମଲା ରୁଜୁ କରାଯାଇଥିଲା। ମାତ୍ର ୮ ଦିନ ପରେ ଗୁରୁବାର ସୁମଣ୍ଡଳ ପଞ୍ଚାୟତ ପକ୍ଷରୁ ସମସ୍ତେ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ସରପଞ୍ଚ ସନ୍ତୋଷିନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଏଥିରେ ଆନ୍ଦୋଳନକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଯେଉଁମାନଙ୍କ ଉପରେ ମାମଲା ରୁଜୁ ହୋଇଛି ତାଙ୍କୁ ପଞ୍ଚାୟତବାସୀଙ୍କ ତରଫରୁ ଆଇନ ସମ୍ମତ ସମର୍ଥନ ଦେବା ସହ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ହୁଏ ତେବେ ସମସ୍ତେ ତାହାକୁ ବିରୋଧ କରି ସମର୍ଥନ ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏହାବ୍ୟତିତ ମହିଳା କମିଟି ଓ ପୁରୁଷ କମିଟି କରାଯାଇଛି। ପଞ୍ଚାୟତରେ ଯଦି କେହି ମଦ ବିକ୍ରିକରେ ତେବେ ତାଙ୍କୁ ତୁରନ୍ତ ପୋଲିସରେ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଆଜିର ବୈଠକରେ ୫୦୦ରୁ ଅଧିକ ମହିଳା ଓ ପୁରୁଷ ଉପସ୍ଥିତ ରହିବା ସହ ମଦ ବନ୍ଦ କରି ସୁମଣ୍ଡଳ ପଞ୍ଚାୟତକୁ ମଦମୁକ୍ତ ପଞ୍ଚାୟତ କରିବା ପାଇଁ ପ୍ରଶାସନର ସହଯୋଗ ଚାହିଁଛନ୍ତି। ବୈଠକରେ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପାଣ୍ଡି, ସନ୍ତୋଷ କୁମାର ସାହୁଙ୍କ ସମେତ ପଞ୍ଚାୟତର ବହୁ ଲୋକ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନୃସିଂହ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ହିଞ୍ଜିଳିକାଟୁ, ୯।୫(ଡି.ଏନ୍.ଏ.)

କାଟୁ ରାଜବାଟି ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିରରେ ଶ୍ରୀବିଗ୍ରହଙ୍କ ଜନ୍ମୋତ୍ସବ ଓ କାଟୁ ଯାତ୍ରା ଆସନ୍ତା ୧୭ରୁ ଆରମ୍ଭ ହେବ। ୩ ଦିନ ଧରି ହେବାକୁ ଥିବା ଏହି ଯାତ୍ରା ଲାଗି ଅକ୍ଷୟ ତୃତୀୟା ଅବସରରେ ସୋମବାର ସନ୍ଧ୍ୟାରେ କେଉଟ ବାଡ଼ ଓ ରଙ୍ଗଣୀ ବାଡ଼ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କେଉଟ ବାଡ଼ ଯାତ୍ରା କମିଟି ସଭାପତି ଭୀମସେନ ବେହେରାଙ୍କ ଉପସ୍ଥିତିରେ ଗୋପବନ୍ଧୁ ମାର୍ଗ ଓ ରଙ୍ଗଣୀ ବାଡ଼ ଯାତ୍ରା କମିଟି ସଭାପତି ବଂଶୀଧର ସାହୁଙ୍କ ଉପସ୍ଥିତିରେ ଜଗନ୍ନାଥ ମାର୍ଗରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି।

## ଶକ୍ତିପୀଠ ମା' ନାରାୟଣୀ ମନ୍ଦିର ଆଲୋକ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ଦାବି

ପାଟପୁର,୯।୫(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ କଙ୍କୋରଡା ପଞ୍ଚାୟତରେ ମା' ନାରାୟଣୀଙ୍କ ମନ୍ଦିର ଅଞ୍ଚଳର ଜଣାଶୁଣା ଶକ୍ତିପୀଠ। ଏଠାରେ ୧୨ ମାସରେ ତେର ପର୍ବ ସହ ଶାରଦୀୟ ପୂଜା, ବାସନ୍ତୀ ପୂଜା, ଚୈତ୍ର ମଙ୍ଗଳବାର ତଥା ପ୍ରତ୍ୟେକ ସଂକ୍ରାନ୍ତିରେ ଏହି ଅଞ୍ଚଳ ତଥା ଅଞ୍ଚଳ ବାହାରୁ ଏବଂ ଦୂରଦୂରାନ୍ତରୁ ବହୁ ଭକ୍ତଙ୍କ ସମାଗମ ହୁଏ। ଓଡିଶା ବାହାରୁ ମାନସିକଧାରୀମାନେ ମୁଣ୍ଡନ ପାଇଁ ଆସନ୍ତି। ଏହି ମନ୍ଦିରରେ ପୂଜା ପାଆନ୍ତି ୨୨ ତାଲୁକା ବାଣାୟତ ଓଡିଆ ସମାଜର ଇଷ୍ଟଦେବୀ ମା' ନାରାୟଣୀ। ମାତ୍ର ଦୁଃଖର ବିଷୟ, ଗତ ଅଢ଼େଇ ମାସ ହେଲା ମନ୍ଦିର ବାହାରପଟ ଲାଇଟଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଅନ୍ଧକାରର ସୁଯୋଗ ନେଇ ରାତିରେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଯାହାକି ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତୁରନ୍ତ ଏଠାରେ ଆଲୋକ ବ୍ୟବସ୍ଥା ସହ ମନ୍ଦିରକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବାପାଇଁ ଅଞ୍ଚଳର ନରସିଂହ ପାଣିଗ୍ରାହୀ, ତ୍ରିନାଥ ମହାନ୍ତି, ସାହେବ ପ୍ରଧାନ, ରମେଶ ସେଠୀ, କାଳୁ ଚରଣ ପରିଡା, ଶଙ୍କର ରଣା, ଶଚିନ୍ଦ୍ର ପ୍ରଧାନ, କାଳିଆ ଆଚାରୀ, ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଆମ୍ଭପୁର ପ୍ରିମିୟମ୍ ଲିଗ୍ ଉଦ୍‌ଘାଟିତ
## ଆମ୍ଭପୁର ସୁପରକିଙ୍ଗ୍, ଡେୟାରଡେଭିଲ ବିଜୟୀ

ପାତ୍ରପୁର,୯।୫(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଆମ୍ଭପୁର ଗ୍ରାମରେ ବୁଧବାର ଆମ୍ଭପୁର ପ୍ରିମିୟମ୍ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଭାଇଚାରା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ମ୍ୟାଚକୁ ମୃତ ରୁଦ୍ର ପ୍ରଧାନଙ୍କ ସ୍ମୃତିଚାରଣରେ ଲୋକାର୍ପିତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ଦାମୋଦର ଦଳେଇ ଏବଂ ସମ୍ମାନିତ ଅତିଥି ଭାବେ ନାରାୟଣ ଚୌଧୁରୀ, ତ୍ରୈଲୋଚନ ଚୌଧୁରୀ, ରଘୁନାଥ ଚୌଧୁରୀ, ପ୍ରଫୁଲ୍ଲ ପ୍ରଧାନ, ହାଡୁ ପ୍ରଧାନ, ବାବୁଲାଲ ପାଢୀ, ନିରଞ୍ଜନ ପ୍ରଧାନ, କାଳୁ ପ୍ରଧାନ, ବିଭୁଭୁଷଣ ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଆମ୍ଭପୁର ବ୍ରଦର୍ସ ଷ୍ଟାର ସହ ଆମ୍ଭପୁର ସୁପରକିଙ୍ଗର ମୁକାବିଲା ହୋଇଥିଲା। ଆମ୍ଭପୁର ସୁପରକିଙ୍ଗ ଦଳ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ ଆମ୍ଭପୁର ରୟାଲ ସହ ଆମ୍ଭପୁର ଡେୟାରଡେଭିଲ ମଧ୍ୟରେ ମୁକାବିଲା ହୋଇଥିଲା, ଡେୟାରଡେଭିଲ ଦଳ ବିଜୟୀ ହୋଇଥିଲା। ବୃନ୍ଦାବନ ପ୍ରଧାନଙ୍କ ସହ ବାବୁଲା ପ୍ରଧାନ ଓ ରାଜେନ୍ଦ୍ର ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ମ୍ୟାଚ ଉଦ୍‌ଘାଟନ କରୁଛନ୍ତି।

## ଜି.ଉଦୟଗିରିରେ ଅସହ୍ୟ ଗରମ
## ପାରଦ ୪୦.୫ ଡିଗ୍ରୀ ସେଲ୍‌ସିୟସ୍

ଜି.ଉଦୟଗିରି,୯।୫(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ଗୁରୁବାର ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଦିନ ୧୦ ଘଣ୍ଟ ପରେ ପରେ ରାସ୍ତାଘାଟ ଓ ବଜାର ଜନଶୂନ୍ୟ ହୋଇଯାଉଛି । ଅସହ୍ୟ ଗରମ ସାଙ୍ଗକୁ ଅଘୋଷିତ ବିଜୁଳି କାଟ ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ଅନ୍ୟପଟେ ସହରରେ ଉତ୍କଟ ପାନୀୟ ଜଳ ସମସ୍ୟା ଲାଗି ରହିଛି। ସହରର ୧୧ ନଂ. ୱାର୍ଡର ଜଡଙ୍ଗବାଲିରେ କୂଅ ସୁଖିଯାଇଛି ଓ ନଳକୂଅରେ ପାଣି ଆସୁନାହିଁ ବୋଲି ସହିବାସିନ୍ଦା ଅଭିଯୋଗ କରିଛନ୍ତି। ଜି. ଉଦୟଗିରିରେ ଗୁରୁବାର ପାରଦ ୪୦.୫ ଡିଗ୍ରୀ ସେଲସିୟସ ରହିଛି ବୋଲି ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର କହିଛନ୍ତି ।



ରାସ୍ତାଘାଟ ଶୁନଶାନ୍।

# ଉପଜିଲାପାଳଙ୍କୁ ଫେରାଦ ହେଲେ ସହରବାସୀ

**ପୁରୁଷୋତ୍ତମପୁର ଏନ୍‌ଏସି**
■ଠାକୁରାଣୀ ଯାତ୍ରା ଥିବାରୁ ତୁରନ୍ତ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା ସୁଧାରିବାକୁ ଦାବି

ପୁରୁଷୋତ୍ତମପୁର,୯।୫(ଡି.ଏନ୍.ଏ.)



ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ବେପରୁଆ ଓ ଖାମଖିଆଲ ମନୋଭାବ ଯୋଗୁ ସହରରେ ଦିନକୁ ଦିନ ସମସ୍ୟା ଜଟିଳ ହେବାରେ ଲାଗିଛି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏନେଇ ଅଞ୍ଚଳର ଏକ ପ୍ରତିନିଧି ଦଳ ଗୁରୁବାର ପୁରୁଷୋତ୍ତମପୁର ଗସ୍ତରେ ଆସିଥିବା ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ଠାରେ ଫେରାଦ ହୋଇ ଅଭିଯୋଗ ଜଣାଇଛନ୍ତି। ସହରରେ ଦୀର୍ଘଦିନ ହେଲା ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ୍ ସଫାସୁତୁରା ଆଦୌ କରାଯାଉନାହିଁ। ଫଳରେ ଡ୍ରେନ୍‌ପାଣି ସାହିବସ୍ତି ଓ ମୁଖ୍ୟରାସ୍ତାରେ ଭାସୁଛି। ରାସ୍ତାଘାଟ ନିୟମିତ ଝାଡୁ ହେଉନାହିଁ। ଧୋବା ସାହି-ରଥସାହି ରାସ୍ତାରେ ଦୀର୍ଘଦିନ ହେଲା ବିରାଟ ଖାଲ ହୋଇଥିବାବେଳେ ଡ୍ରେନ୍ ଉପରେ ପ୍ଲେଟ ପଡିନାହିଁ। ଫଳରେ ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଛି। ଅପରପକ୍ଷରେ ଏହି ରାସ୍ତା ନିକଟରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ଶିଶୁମାନେ ଯାତାୟାତବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଟିଫା ମେଶିନ୍ ଏନ୍‌ଏସିରେ ରହିଥିବା ବେଳେ ତାହା କାମରେ ଆସୁନାହିଁ। ଏନେଇ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସେ ଗୁରୁତ୍ୱ ଦେଉନାହାନ୍ତି । ଏପରିକି ସେ ନିୟମିତ ଅଫିସ ଆସୁ ନ ଥିବା ଓ ହେଡ୍ କ୍ୱାର୍ଟରରେ ରହୁ ନ ଥିବା ଜିଲାପାଳଙ୍କୁ କହିଥିଲେ।

ଏହାସହ ସହରର ମୁଖ୍ୟରାସ୍ତା (ଆସ୍କା-ହୁମ୍ମା ରାଜପଥ) ପ୍ରଶସ୍ତିକରଣ ଲାଗି ୨ବର୍ଷରୁ ଉର୍ଦ୍ଧ୍ୱ ହେଲା ଜବରଦଖଲ ଉଚ୍ଛେଦ କରାଯାଇଛି। ମାତ୍ର କାମ ଠିକ୍‌ରେ ହେଉନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। କେତେଜଣ କର୍ମଚାରୀ ଜବରଦଖଲକାରୀଙ୍କ ସହ ସଲାସୁତୁରା କରି ସରକାରୀ ଜାଗା ଛାଡି ରାସ୍ତାକୁ ସଂକୀର୍ଣ୍ଣ କରି ଡ୍ରେନ୍ ନିର୍ମାଣ କରୁଛନ୍ତି। ଅପରପକ୍ଷରେ ସହରରେ ମା' କନକା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଆସନ୍ତା ୧୩ରୁ ଆରମ୍ଭ ହୋଇ ଏକ ମାସ ଧରି ଚାଲିବ। ହଜାର ହଜାର ଲୋକଙ୍କ ସମାଗମ ହେବାକୁ ଥିବାରୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ବଣିକ ସଂଘ ସଭାପତି ଶ୍ୟାମମୂର୍ତ୍ତୀ ଆଚାରି, ସମ୍ପାଦକ ମନୋରଞ୍ଜନ ଦାଶ, ଯାତ୍ରା ପରିଚାଳନା କମିଟି ସମ୍ପାଦକ ପ୍ରହଲ୍ଲାଦ ସାହୁ, ସୁରେନ୍ଦ୍ର ନାଥ ମହାନ୍ତି, ଅଶୋକ କୁମାର ମହାକୁଡ, ରବୀନ୍ଦ୍ର କୁମାର ମହାରଣା, ରୂପେଶ କୁମାର ସାହୁଙ୍କ ସମେତ ବହୁବ୍ୟକ୍ତି ସାମିଲ ଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷଙ୍କ ପରଲୋକ

**ବ୍ରହ୍ମପୁର ଅଫିସ,୯।୫:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ପ୍ରଫେସର ଡ଼. ପ୍ରମୋଦ କୁମାର ସାହୁ(୭୯)ଙ୍କର ଗୁରୁବାର ତାଙ୍କ ସ୍ଥାନୀୟ ବାସଭବନରେ ପରଲୋକ ହୋଇଯାଇଛି ବାର୍ଦ୍ଧକ୍ୟଜନିତ ରୋଗରେ



ସେ ପୀଡ଼ିତ ହୋଇ ପ୍ରଥମେ ବ୍ରହ୍ମପୁର ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିଲେ। ଗତ ୩ ମାସ ହେବ ନିଜ ଘରେ ରହୁଥିଲେ । ସୂଚନାଯୋଗ୍ୟ, ପ୍ରଫେସର ସାହୁ ବିଶିଷ୍ଟ ଶିକ୍ଷାବିତ ଭାବେ ପରିଚିତ ଥିଲେ। ଅବସର ପରେ ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିଲେ। ବିଜେଡି ଓ ଭାଜପା ମେଣ୍ଟର ପ୍ରଥମ ସରକାର ଅମଳରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ହୋଇଥିଲେ । ସଂଘ ପରିବାର (ଆରଏସଏସ) ସହିତ ସମ୍ପୃକ୍ତ ଥିଲେ । ପ୍ରଫେସର ସାହୁଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରିହର ଦାସ, ଅବସରପ୍ରାପ୍ତ ପ୍ରଫେସର ତଥା ବରିଷ୍ଠ ସାହିତ୍ୟିକ ଡ଼. ସୁଦର୍ଶନ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ତଥା ଇନଟାକ୍ ଗଞ୍ଜାମ ଶାଖା ସଭାପତି ଡ଼. ସୁଧାଂଶୁ ପତି, ବ୍ରହ୍ମପୁର ଓ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ଅନେକ ଅଧ୍ୟାପକଙ୍କ ସମେତ ବିଭିନ୍ନସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

## ଜିଲାସ୍ତରୀୟ ରେଡକ୍ରସ୍ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୯।୫:** ଗଞ୍ଜାମ ଜିଲା ରେଡକ୍ରସ୍ ତରଫରୁ ଜଲାସ୍ତରୀୟ ବିଶ୍ୱ ରେଡକ୍ରସ୍ ଦିବସ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ରଘୁନାଥ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା ଯୋଗଦେଇ ରେଡକ୍ରସ୍ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ରେଡକ୍ରସ୍ ଶପଥ ପାଠ କରାଇଥିଲେ । ଜିଲା ରେଡକ୍ରସ୍ ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ରେଡକ୍ରସ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ଚନ୍ଦ୍ର ପାଢୀ, ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଧନନ୍ତର ନାଥେଶ୍ୱର ନୋଡାଲ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପାଢୀ, ପାଟପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେଓ, ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ପଟ୍ଟନାୟକ, ବିଜୟ କୁମାର ବେହେରା, ଭିକାରୀ ଚରଣ ଗୌଡ, କ୍ଲଷ୍ଟର ସଂଯୋଜକ ହରିହର ସାମନ୍ତରା ଯୋଗ ଦେଇଥିଲେ। ପରେ ମୁଖ୍ୟ ଅତିଥି ଡ. ପଣ୍ଡା ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ଅତିଥି ଏବଂ ଛାତ୍ରୀଛାତ୍ରମାନେ ଏହି ଅବସରରେ ଗ୍ରାମ ପରିକ୍ରମା କରି ଫନୀ ବାତ୍ୟା ବିପନ୍ନଙ୍କ ପ୍ରତି ଆର୍ଥିକ ଅନୁଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ରେଡକ୍ରସ୍ କାଉନସିଲର ଲକ୍ଷ୍ମୀ ନାରାୟଣ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ରଘୁନାଥ ମହାରଣା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମେକାପ, ପ୍ରଧାନ ଶିକ୍ଷକ ରାଧାଗୋବିନ୍ଦ ନାୟକ, ଅରୁଣ କୁମାର ତ୍ରିପାଠୀ ତଥା ସମସ୍ତ ଶିକ୍ଷକ, କର୍ମଚାରୀ ଓ ବ୍ଲକ୍‌ସ୍ତରୀୟ ରେଡକ୍ରସ୍ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ଶିଶୁ ଓ ମହିଳା କଲ୍ୟାଣ ସମିତି ପକ୍ଷରୁ କୃଷକ ଦିବସ

**ଚିତ୍ରକୋଣ୍ଡା,୯।୫(ଡି.ଏନ.ଏ.):** ଚିତ୍ରକୋଣ୍ଡାର ଦୋରାଗୁଡା ପଞ୍ଚାୟତ ପାଲମ ଓ ନୂଆଗୁଡା ପଞ୍ଚାୟତର ଆରଏସସି-୧୧ ନଂ.ଗ୍ରାମଠାରେ ଶିଶୁ ଓ ମହିଳା କଲ୍ୟାଣ ସମିତି, ଓଡିଶା ଜୀବିକା ମିଶନ ଓ କୃଷକ ଆଞ୍ଚଳିକ ସାଧନ କେନ୍ଦ୍ରର ମିଳିତ ସହଯୋଗରେ କୃଷକ ଦିବସ ପାଳିତ ହୋଇଯାଇଛି। ପାରମ୍ପରିକ ରୀତିରେ ମାଟି ମା'କୁ ପୂଜା କରାଯାଇ ଅଖିମୁଠି ଅନୁକୂଳ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନର ବିଏଲଓ ସୋମନାଥ କୁମ୍ଭାର ସମନ୍ୱିତ କୃଷି ବିକାଶର ପ୍ରକଳ୍ପ ସଂଯୋଜକ ରାକେଶ ମହାରଣା, କ୍ଷୀରୋଦ ବେହେରା, ସିଇଓ ରଞ୍ଜିତା ପଟ୍ଟନାୟକ, ପ୍ରମିଳା ଖରା, ସଭାପତି ରଇଲା ଆଲଙ୍ଗ, ଲକ୍ଷ୍ମୀ ଖେମୁଡୁ, ଲକ୍ଷ୍ମୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

■ ବିଏମ୍‌ସିର ଯୋଜନା, ଅଳ୍ପଦିନିଆ

# କୋଟିଏ ଟଙ୍କାର ୱାଇଫାଇ ଅଚଳ

**ବ୍ରହ୍ମପୁର ଅଫିସ,୯।୫**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ତରଫରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନାଗୁଡ଼ିକ ଅଳ୍ପ କିଛି ଦିନ ଠିକ୍‌ରେ ଚାଲିବା ପରେ ଅଚଳ ହୋଇପଡୁଛି। ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁ ଗୋଟିଏ ପରେ ଗୋଟିଏ ଯୋଜନା ବିଫଳ ହେବାରେ ଲାଗିଛି। କେବଳ କାଗଜ କଲମରେ ସଫଳତା ବଖାଣୁଛନ୍ତି ବିଏମ୍‌ସି ଅଧିକାରୀ। ସହରବାସୀ କିନ୍ତୁ ବିଏମ୍‌ସି ଯୋଜନାଗୁଡ଼ିକର ଲାଭ ପାଇପାରୁ ନାହାନ୍ତି। ଏହାର ସଦ୍ୟତମ ଉଦାହରଣ ହେଲା ବିଏମ୍‌ସି ତରଫରୁ ପ୍ରଦାନ କରାଯାଉଥିବା ମାଗଣା ୱାଇଫାଇ ସେବା । ମାସ କେଇଟା ପରେ ଏବେ ଏହି ସେବା ଅଚଳ ହୋଇପଡ଼ିଛି ।

ସରକାରୀ ହେଉ ଅବା ବେସରକାରୀ କାର୍ଯ୍ୟ, ଆଜି କାଲି ଇଣ୍ଟର୍‌ନେଟ୍ ବିନା ଅଧିକାଂଶ କାର୍ଯ୍ୟ ସମ୍ଭବ ନୁହଁ । ଲୋକମାନଙ୍କ ମଧ୍ୟରେ ଇଣ୍ଟର୍‌ନେଟ୍‌ର ଚାହିଦା ଢ଼େର୍ ଅଧିକ ଦେଖାଯାଏ। ଚାହିଦାକୁ ଦୃଷ୍ଟିରେ ରଖି ମାଗଣା ୱାଇଫାଇ ସେବା ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଇଥିଲା। ୨୦୧୮ ଅଗଷ୍ଟ ୩୧ତାରିଖରେ ପୌରପରିଷଦର ୧୫୧ତମ ବର୍ଷ ପୂର୍ତ୍ତି ଅବସରରେ ମାଗଣା ୱାଇଫାଇ ସେବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଥିଲା। ଏକ ଘରୋଇ ସଂସ୍ଥାକୁ ପ୍ରାୟ ୧ କୋଟି ଟଙ୍କାରେ ଟେଣ୍ଡର୍ ଦିଆଯାଇଥିଲା। ଡିସେମ୍ବର ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଗଣା ୱାଇଫାଇ ସେବାର ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସହରର ୨୭ ୱାଇଫାଇ ଆସେସପଏଣ୍ଟ କରାଯାଇଥିଲା। ଏହି ଆସେସ୍‌ପଏଣ୍ଟଗୁଡ଼ିକ ଖଲ୍ଲିକୋଟ କଲେଜଠାରୁ ଟାଉନ୍‌ହଲ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ୍, ଗିରିଜା ରେଷ୍ଟୁରାଣ୍ଟ ଛକ ଏବଂ ଗାନ୍ଧୀ ପାର୍କ ହୋଇ ବିଏମ୍‌ସି କାର୍ଯ୍ୟାଳୟ ଯାଏ ସ୍ଥାପନ କରାଯାଇଥିଲା। ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ପାର୍କ, ବୈକୁଣ୍ଠନଗରରେ ନିର୍ମାଣାଧୀନ ସ୍ପୋର୍ଟସ ଏରିନା ଆଦି



ଅଚଳ ହୋଇପଡ଼ିଥିବା ୱାଇଫାଇର ଆସେସ୍‌ପଏଣ୍ଟ ।

ଅଞ୍ଚଳରେ ମଧ୍ୟ ଆସେସ୍‌ପଏଣ୍ଟ ଥିଲା। ଉଦ୍‌ଘାଟନ ପରଠୁ ବିଏମ୍‌ସିର ଏହି ମାଗଣା ୱାଇଫାଇ ଠିକ୍ ଠାକ୍ ଥିଲା। ସହରବାସୀ ବ୍ୟବହାର କରୁଥିଲେ । ପ୍ରତ୍ୟେକ ଆସେସ୍‌ପଏଣ୍ଟର ଶହେ ମିଟର ଅଞ୍ଚଳ ପର୍ଯ୍ୟନ୍ତ ୱାଇଫାଇ ଉପଲବ୍ଧ ରହୁଥିଲା। ପ୍ରତ୍ୟେକ ଆସେସ୍‌ପଏଣ୍ଟ ଅଧୀନରେ ୨ହଜାର ଲୋକ ଇଣ୍ଟର୍‌ନେଟ୍ ବ୍ୟବହାର କରିପାରିବେ। ମାଗଣା ଇଣ୍ଟର୍‌ନେଟ୍ ସେବା ମିଳିବା ପରେ ସହରବାସୀଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ମଧ୍ୟ ବଢ଼ିଥିଲା। କିନ୍ତୁ ଏବେ ଗତ କିଛି ଦିନ ହେଲା ଆଉ ମାଗଣା ୱାଇଫାଇ ମିଳୁନି। ମୋବାଇଲ୍ ଫୋନରେ ୱାଇଫାଇ ଖୋଲିଲେ, ବିଏମ୍‌ସିର ଆସେସ୍‌ପଏଣ୍ଟ ଦେଖାଉନି। ମାନୁଆଲି ଖୋଜିଲେ ମଧ୍ୟ ଆସେସ୍‌ପଏଣ୍ଟ ଆସୁନି। ହଟ୍‌ସ୍ପଟ୍ ଅଚଳ ହୋଇଯାଇଛି। ଅନେକ ଦିନ ହେଲା ଏଭଳି ସମସ୍ୟା ଦେଖାଦେଇଛି। ଖଲ୍ଲିକୋଟ କଲେଜ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡ ସହ ଅନ୍ନପୂର୍ଣ୍ଣା ମାର୍କେଟ୍ ଅଞ୍ଚଳରେ ବିଏମ୍‌ସିର ଏହି ମାଗଣା ୱାଇଫାଇ ସେବା ସର୍ବାଧିକ ବ୍ୟବହାର ହେଉଥିଲା। ହେଲେ ଏବେ ଏହି ସେବା ଅଚଳ ହୋଇପଡ଼ିବା ପରେ ବ୍ୟବହାରକାରୀମାନେ ନିରାଶ ହୋଇଛନ୍ତି। ବିଏମ୍‌ସିର ଅଧିକାଂଶ ଯୋଜନା, ଦିନ କେଇଟା ଚାଲିବା ପରେ ଆଣ୍ଠେଇପଡ଼େ ବୋଲି ସହରବାସୀ ଆଲୋଚନା କରୁଛନ୍ତି।

ଏନେଇ ବିଏମ୍‌ସିର କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍‌ଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କ କହିବାନୁଯାୟୀ, ମାଗଣା ୱାଇଫାଇ ସେବାରେ କୌଣସି ବଡ଼ ସମସ୍ୟା ନାହିଁ। ଯେଉଁ ଘରୋଇ ସଂସ୍ଥା ଏହି କାମ ନେଇଛି, ସେମାନେ ଭୁବନେଶ୍ୱରରୁ ଲିଜ୍‌ଲାଇନ୍‌ରେ ବ୍ରହ୍ମପୁରକୁ ଇଣ୍ଟର୍‌ନେଟ୍ ସେବା ପ୍ରଦାନ କରୁଥିଲେ । ବାତ୍ୟା 'ଫନୀ' ଯୋଗୁ ଭୁବନେଶ୍ୱରରେ ଇଣ୍ଟର୍‌ନେଟ୍ ସେବା ପ୍ରଭାବିତ ହୋଇଛି। ଏଣୁ ଭୁବନେଶ୍ୱରରୁ ଲିଜ୍‌ଲାଇନ୍‌ରେ ଇଣ୍ଟର୍‌ନେଟ୍ ବ୍ରହ୍ମପୁରକୁ ଆସୁନି। ଏନେଇ ଘରୋଇ ସଂସ୍ଥା ସହ ଆଲୋଚନା କରାଯାଇଛି । ଖୁବ୍ ଶୀଘ୍ର ୱାଇଫାଇ ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରକାଶ କରିଛନ୍ତି ।

## ୧୨ରେ ଭଦ୍ରକରେ ହେବ ରାଜ୍ୟ ଆଇନଜୀବୀ ସଂଘ ବୈଠକ

**ବ୍ରହ୍ମପୁର ଅଫିସ,୯।୫**

ଆସନ୍ତା ୧୨ ତାରିଖରେ ଭଦ୍ରକ କୋର୍ଟ ପରିସରରେ ରାଜ୍ୟ ଆଇନଜୀବୀ ସଂଘର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏଥିରେ ସଂଘ ସଭାପତି ବିଚିତ୍ର କୁମାର ଜେନା ସଭାପତିତ୍ୱ କରିବେ । ରାଜ୍ୟ ଆଇନଜୀବୀ ସଂଘର ୧୫ ଜଣ କର୍ମକର୍ତ୍ତା, ୩୦ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ସଂଘ ସଂଗଠନ ସମ୍ପାଦକ ନିରଞ୍ଜନ ନାୟକ ଓ ମୁଖପାତ୍ର କରୁଣାକର ପାଣିଗ୍ରାହୀ ମିଳିତ ଭାବେ ଜଣାଇଛନ୍ତି ।

ପ୍ରକାଶ ଯେ, ଫେବୃଆରୀ ୧୦ ତାରିଖରେ ଖୋର୍ଦ୍ଧା କୋର୍ଟରେ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀମାନଙ୍କର ବିଭିନ୍ନ ସମସ୍ୟା, କଲ୍ୟାଣ ପାଣ୍ଠି ବୃଦ୍ଧି, ରାଜ୍ୟ ସଂଘର ସ୍ଥାୟୀ କାର୍ଯ୍ୟାଳୟ କେଉଁଠାରେ ପ୍ରତିଷ୍ଠା କରାଯିବ ଇତ୍ୟାଦି ୭ ପ୍ରସ୍ତାବ ଗୃହୀତ ହୋଇଥିବା ସମ୍ପାଦକ ସତ୍ୟଜିତ ସାହୁ ସୂଚନା ଦେଇଛନ୍ତି ।

# ଭୁବନେଶ୍ୱର ଗଲେ ବ୍ରହ୍ମପୁର ଆଇଟିଆଇ ଛାତ୍ର




ଭୁବନେଶ୍ୱର ଗସ୍ତ ପୂର୍ବରୁ ବ୍ରହ୍ମପୁର ରେଳଷ୍ଟେଶନରେ ଉପସ୍ଥିତ ବ୍ରହ୍ମପୁର ଆଇଟିଆଇର ଛାତ୍ର ଓ ଶିକ୍ଷକ ।

**ବ୍ରହ୍ମପୁର ଅଫିସ,୯।୫**

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଏବେ ସହାୟତାର ହାତ ଲମ୍ବିଛି । ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ବିଭିନ୍ନ ରାଜ୍ୟ ଓ ଦେଶ ବାହାରୁ ମଧ ସହାୟତାର ସୁଅ ଛୁଟୁଛି ବାତ୍ୟା ବିପନ୍ନ ଅଞ୍ଚଳକୁ । ତେବେ ଏଥିରୁ ବାଦ ପଡିନାହାନ୍ତି ବ୍ରହ୍ମପୁର ଆଇଟିଆଇର ଛାତ୍ର ଓ ଶିକ୍ଷକ । ବିପନ୍ନଙ୍କୁ ସହାୟତା କରିବା ନେଇ ଗୁରୁବାର ବ୍ରହ୍ମପୁର ଆଇଟିଆଇର ଇଲେକ୍ଟ୍ରିସିଆନ, ୱାଇରମ୍ୟାନ, ପ୍ଲମ୍ବର ଟ୍ରେଡର ୧୦୦ ଛାତ୍ରଙ୍କୁ ନେଇ ଏକ ଟିମ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟିମ୍ ଭୁବନେଶ୍ୱରରେ ଘର ଘର ବୁଲି ବାତ୍ୟାରେ କ୍ଷତି ହୋଇଥିବା ଯାନ୍ତ୍ରିକ ସାରଞ୍ଜାମ, ପାନୀୟ ଜଳ ଯୋଗାଣ ପାଇପ, ବିଦ୍ୟୁତ୍ ସଂଯୋଗ ଜନିତ ତ୍ରୁଟି ମାଗଣାରେ ମରାମତି କରିବାକୁ ଆଇଟିଆଇ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟରେ ସହଯୋଗ ପାଇଁ ଗାଇଡ ଶିକ୍ଷକ ଭାବେ ୧୦ଜଣ ଶିକ୍ଷକ ଟିମ ଭୁବନେଶ୍ୱର ଯାଇଥିବା ସେ ସୂଚାଇଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କେରଳରେ ହୋଇଥିବା ବନ୍ୟା ଓ ତିତଲି ବାତ୍ୟା ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ହୋଇଥିବା ଆସ୍କା ଅଞ୍ଚଳକୁ ମଧ ଆଇଟିଆଇର ଛାତ୍ରମାନେ ଯାଇ ଘର ଘର ବୁଲି ଯାନ୍ତ୍ରିକ ସରଞ୍ଜାମ, ପାଇପଲାଇନ, ଘରର ବୈଦ୍ୟୁତିକ ସଂଯୋଗ ଜନିତ ତ୍ରୁଟି ସୁଧାରିଥିଲେ ।

## ରଶି ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୯।୫**

ରଶି ଲଗାଇ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ମୃତକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ରାମନଗର ୨ୟ ଲେନରେ ରହୁଥିବା ପି. ପ୍ରିୟଦର୍ଶିନୀ ଦୋରା (୧୮) ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ପୋଲିସ ଗୁରୁବାର ମୃତଦେହ ଜବତ କରି ନଂ. ୨୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ଘରେ କେହି ନ ଥିବା ବେଳେ ପ୍ରିୟଦର୍ଶିନୀ ରଶି ଲଗାଇ ଘରର ଫ୍ୟାନରେ ଝୁଲି ପଡିଥିଲେ। ବାପା ଘରକୁ ଫେରିବା ବେଳେ ଝିଅ ଝୁଲୁଥିବା ଦେଖି ବଞ୍ଚିଥିବା ଭାବି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟିଥିଲା। କୌଣସି ଘରୋଇ କଳିରୁ ଛାତ୍ରୀ ଜଣଙ୍କ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି ।

## ଆଇସିଏସ୍‌ଇ ପରୀକ୍ଷାରେ ଏମ୍‌ଏଭିର ସଫଳତା

**ବ୍ରହ୍ମପୁର ଅଫିସ,୯।୫**



ଉମେଶ ପ୍ରସାଦ ପଣ୍ଡା ।

ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ବ୍ରହ୍ମପୁରସ୍ଥିତ ଏମ୍‌ଏଭି ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ଲାଭ କରିଛନ୍ତି। ସ୍କୁଲର ମୋଟ ୭୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ଜଣ ୯୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ୪୨ଜଣ ୬୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ସ୍କୁଲର ଛାତ୍ର ଉମେଶ ପ୍ରସାଦ ପଣ୍ଡା ୯୮.୬୦ ମାର୍କ ରଖି ବ୍ରହ୍ମପୁର ଜୋନ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଛାତ୍ର ସୁବାଶିଷ ବେହେରା ଏବଂ ଅମୃତ ମୋହନ ଦାସ ଯଥାକ୍ରମେ ୯୭.୪୦ ଏବଂ ୯୭ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ତୃତୀୟ ହୋଇଛନ୍ତି । ସ୍କୁଲର ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ କୁମୁଦ ରଞ୍ଜନ ପାଢୀ ଏବଂ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୯।୫**

ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ଛତ୍ରପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଚନ୍ଦନ ଦାସ ଅଭିଯୁକ୍ତ ସାବିତ୍ରୀ ମୁଗୁଲିଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏପରିକି ସାବିତ୍ରୀ ଆବେଦନକାରୀ ରାମଚନ୍ଦ୍ର ସାହୁଙ୍କୁ ୩୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ମଧ ଦେଇଛନ୍ତି । ପ୍ରକାଶ ଯେ, ଗୋପାଳପୁର ଥାନା ଅନ୍ତର୍ଗତ ସାନକୁଶସ୍ଥଳି ଗ୍ରାମର ରାମଚନ୍ଦ୍ର ସାହୁ ଓ ରାୟଗଡ଼ା ଜିଲା କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ପିଟିଲିଗୁଡ଼ାର ସାବିତ୍ରୀଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିଲା। ସାବିତ୍ରୀ ନିଜ ଗାଁରେ ଏକ ମଡର୍ନ ରାଇସ୍ ମିଲ କରିଛନ୍ତି। ବ୍ୟବସାୟ ବୃଦ୍ଧି କରିବା ପାଇଁ ସେ ୨୦୧୫ ଡିସେମ୍ବରରେ ସମ୍ପର୍କୀୟ ରାମଚନ୍ଦ୍ରଙ୍କଠାରୁ ୩୦ ଲକ୍ଷ ଟଙ୍କା ହାତ ଉଧାରି ନେଇଥିଲେ। ୬ ମାସ ମଧରେ ସାବିତ୍ରୀ ଉକ୍ତ ଅର୍ଥ ରାମଚନ୍ଦ୍ରଙ୍କୁ ଫେରାଇ ଦେବେ ବୋଲି କହିଥିଲେ। ଧାର୍ଯ୍ୟ ସମୟ ମଧରେ ଟଙ୍କା ଫେରାଇ ନ ପାରି ରାମଚନ୍ଦ୍ରଙ୍କୁ ଚେକ୍ ପ୍ରଦାନ କରିଥିଲେ। ରାମଚନ୍ଦ୍ର ଉକ୍ତ ଚେକ୍‌ଗୁଡ଼ିକ ଛତ୍ରପୁର ୟୁନିୟନ ବ୍ୟାଙ୍କରେ ୨୦୧୬ ଜୁଲାଇ ୨୨ ତାରିଖରେ ଜମା କରିଥିଲେ। ହେଲେ ସାବିତ୍ରୀଙ୍କ ଆକାଉଣ୍ଟରେ ଏତେ ଟଙ୍କା ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା। ପରେ ରାମଚନ୍ଦ୍ର ଓକିଲ ନୋଟିସ ଦେଇଥିଲେ। ଶେଷରେ ୨୦୧୬ ଅଗଷ୍ଟ ୮ ତାରିଖରେ କୋର୍ଟରେ ନଂ. ୧୪/୧୬ରେ ଏକ ୱାନସିସି ମାମଲା ଦାଏର କରିଥିଲେ। ଏହି ମାମଲାର ବିଚାର ବେଳେ ଜେଏମଏଫସି ୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଉପରୋକ୍ତ ଦଣ୍ଡାଦେଶ ଓ ଟଙ୍କା ଫେରସ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁବ୍ରତ କୁମାର ସାହୁ ଓ ଶ୍ୟାମ ସୁନ୍ଦର ନାୟକ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ମକଦ୍ଦମା ପରିଚାଳନା କରିଥିଲେ।

# ପୂର୍ବତନ ମେୟର ପିଣ୍ଟୁଙ୍କ ଜାମିନ ଖାରଜ

**ବ୍ରହ୍ମପୁର ଅଫିସ,୯।୫**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ପିଣ୍ଟୁ ଓରଫ ଶିବ ଶଙ୍କର ଦାସଙ୍କ ଜାମିନ ଆବେଦନକୁ ଜିଲା ଦୌରାଜଜ୍ ବିଭୁ ପ୍ରସାଦ ରାଉତରାୟ ଖାରଜ କରି ଦେଇଛନ୍ତି। ଫଳରେ ପିଣ୍ଟୁ ଜେଲରୁ ମୁକୁଳିବା ଏବେ କଷ୍ଟକର ହୋଇପଡ଼ିଛି । ଗୋଳନ୍ଥରା ଥାନା ହଳଦିଆପଦରର ମାଳତି ଦାସଙ୍କୁ ପିଣ୍ଟୁ ଓ ତାଙ୍କ ସହଯୋଗୀମାନେ ଜାତିଆଣ ମନ୍ତବ୍ୟ ଦେବା ସହ ହତ୍ୟା ଧମକ ଦେଇ ଜମି ହଡ଼ପ କରିଥିବା ନେଇ ଥାନାରେ ନଂ. ୬/୧୯ରେ ଏକ ମାମଲା ରୁଜୁ ହୋଇଥିଲା । ଜିଲା ଜଜ୍‌ଙ୍କ କୋର୍ଟରେ ଦାଏର ହୋଇଥିବା ୱାନସିସି ମାମଲାର ବିଚାର କରି ଗୋଳନ୍ଥରା ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ସମୟରେ ପିଣ୍ଟୁ ଅନ୍ୟ ଏକ ମାମଲାରେ ଗିରଫ ହୋଇ ଜେଲରେ ଥିବା ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ପିଣ୍ଟୁଙ୍କ ଓକିଲ ଜଗତ ମୋହନ ପଟ୍ଟନାୟକ ଏହା ଏକ ମିଥ୍ୟା ମାମଲା, ସେ ଉକ୍ତ ମହିଳାଙ୍କୁ ଜାତିଆଣ ମନ୍ତବ୍ୟ ଦେଇନାହାନ୍ତି କି ହତ୍ୟା ଧମକ ମଧ ଦେଇନାହାନ୍ତି। ଏଣୁ ପିଣ୍ଟୁଙ୍କୁ ଜାମିନ ପ୍ରଦାନ କରାଯାଉ ବୋଲି ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପିଟିଶନ ଜରିଆରେ ଆବେଦନ କରିଥିଲେ। ଏହାର ଶୁଣାଣି ବେଳେ କ୍ୟାଡର ପିପି ଅଜିତ କୁମାର ପଟ୍ଟନାୟକ ଦୃଢ଼ ବିରୋଧ କରିଥିଲେ। ଫଳରେ ଜିଲା ଜଜ୍ ପିଣ୍ଟୁଙ୍କ ଜାମିନ ପିଟିଶନକୁ ଖାରଜ କରି ଦେଇଥିବା ଜଣାପଡ଼ିଛି । ପ୍ରକାଶ ଯେ ପିଣ୍ଟୁଙ୍କ ନାଁରେ ଥିବା ନଂ. ୨୨/୧୭ ଓ ୨୭/୧୭ ଦୁଇଟି ଆଟ୍ରୋସିଟି ମାମଲାର ଜାମିନ ଶୁଣାଣି ବେଳେ ପୂର୍ବରୁ ସେହି ଦୁଇଟିର ଜାମିନ ଆବେଦନକୁ ଜିଲା ଜଜ୍ ଖାରଜ କରି ଦେଇଥିଲେ ବୋଲି କ୍ୟାଡର ପିପି ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର ଅଫିସ,୯।୫**

**ହତ୍ୟା ମାମଲା**

ବହୁ ଚର୍ଚ୍ଚିତ ରମ୍ଭା ଆରଟିଆଇ କର୍ମୀ ବୁବୁ ପଣ୍ଡା ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ତଥା ଗୋଳନ୍ଥରା ଥାନାର ତତ୍କାଳୀନ ଆଇଆଇସି ଆଲୋକ ଜେନା ଅତିରିକ୍ତ ଜିଲା ଦୌରାଜଜ୍-୧ ସଞ୍ଜୟ କୁମାର ସାହୁଙ୍କ କୋର୍ଟରେ ହାଜର ହୋଇ ତାଙ୍କ ବୟାନ ଦେଇଥିଲେ । ବୁଧବାର ଓ ଗୁରୁବାର ଦୁଇଦିନ ଧରି ସେ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେ କୋର୍ଟରେ ଏହି ହତ୍ୟା ମାମଲାର ଚାର୍ଜଶିଟ୍‌ରେ ଯାହାସବୁ ଉଲ୍ଲେଖ କରିଥିଲେ ତାହା ସେ କୋର୍ଟରେ କହିଥିଲେ । ଏହି ମାମଲାର ୩୫ତମ ସାକ୍ଷୀ ଭାବେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ହତ୍ୟା ମାମଲାରେ ଗିରଫ ହୋଇ ପରେ ଜାମିନରେ ଥିବା ମୁଖ୍ୟ ଅଭିଯୁକ୍ତ ଅଜିତ ରାଉଳ ଓ ତାଙ୍କ ବାପା ପ୍ରକାଶ ରାଉଳଙ୍କ ସମେତ ୧୦ ଜଣ ଅଭିଯୁକ୍ତଙ୍କ ବିଚାର ବେଳେ କୋର୍ଟରେ ଉପସ୍ଥିତ ଥିଲେ । ଆସନ୍ତା ୧୭ ତାରିଖରେ ଅଭିଯୁକ୍ତମାନଙ୍କ ପକ୍ଷରୁ ମକଦ୍ଦମା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢ଼ୀ, ଅନୁପ କୁମାର ପଣ୍ଡା ପ୍ରମୁଖ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଆଲୋକ ଜେନାଙ୍କୁ ଜେରା କରିବା ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ସେହିପରି ଏହି ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତମାନଙ୍କ ଟିଆଇ ପରେଡ଼ରେ ଥିବା ତତ୍କାଳୀନ ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ କବିତା ଦାସ ସାକ୍ଷ୍ୟ ପ୍ରଦାନ କରିବେ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ, ୨୦୧୪ ଡିସେମ୍ବର ୨୯ ତାରିଖରେ ରମ୍ଭାର ଆରଟିଆଇ କର୍ମୀ ବୁବୁ ଓରଫ ଗଣେଶ ପଣ୍ଡାଙ୍କୁ ୫୯ନଂ. ଜାତୀୟ ରାଜପଥ ରମ୍ଭାରେ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ ।

# ଘୁଞ୍ଚିଲା ସେମିଷ୍ଟର ପରୀକ୍ଷା, ଆଶ୍ୱସ୍ତ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୯।୫**

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

■ ୧୬ରେ ଦ୍ୱିତୀୟ, ୧୭ରେ ଚତୁର୍ଥ ସେମିଷ୍ଟର ପରୀକ୍ଷା

ଘୁଞ୍ଚିଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା। ବୁଧବାର ଛାତ୍ରୀଛାତ୍ରଙ୍କ ଦାବି ପରେ ଗୁରୁବାର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମୁଖ୍ୟଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଦ୍ୱିତୀୟ ସେମିଷ୍ଟର ପରୀକ୍ଷାକୁ ୧୧ ପରିବର୍ତ୍ତେ ୧୬କୁ ଏବଂ ଚତୁର୍ଥ ସେମିଷ୍ଟର ପରୀକ୍ଷା ୧୩ ପରିବର୍ତ୍ତେ ୧୭କୁ ଘୁଞ୍ଚାଇ ଦିଆଯାଇଥିବା ନେଇ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ ଜାରି ପରେ ଏବେ ଛାତ୍ରୀଛାତ୍ରମାନେ ଆଶ୍ୱସ୍ତ ହୋଇଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ଦାବିକରି ବୁଧବାର ଛାତ୍ରୀଛାତ୍ରମାନେ ପ୍ରଶାସନିକ ଭବନ ଆଗରେ ବିକ୍ଷୋଭ କରିଥିଲେ । ଏହି ସମୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବିଭାଗୀୟ ମୁଖ୍ୟ ଜରିଆରେ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଅବଗତ କରାଇବାକୁ କହିଥିଲେ । ଏହାପରେ ଗୁରୁବାର ମଧ୍ୟାହ୍ନରେ ବିଶ୍ୱବିଦ୍ୟାଳୟର ବିଭିନ୍ନ



ବିଭାଗ ମୁଖ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଭାଗୀୟ ମୁଖ୍ୟଙ୍କ ପରାମର୍ଶ କ୍ରମେ ପରୀକ୍ଷା ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୧ରେ ହେବାକୁ ଥିବା ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ୧୬କୁ ଘୁଞ୍ଚାଇ ଦିଆଯାଇଥିବା ବେଳେ ଏହା ମେ ୩୧ରେ ଶେଷ ହେବ । ସେହିପରି ମେ ୧୩ରେ ହେବାକୁ ଥିବା ଚତୁର୍ଥ ସେମିଷ୍ଟର ପରୀକ୍ଷା ମେ ୧୭ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଅପରାହ୍ନରେ ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ମେ ୧୦/୨୦୧୯ Berhampur, Friday, May 10/ 2019

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ଲୁଟ୍ ମାଲିକଙ୍କୁ ମାଡ ମାରି କାର୍ ଲୁଟିନେଲେ



**ଜି.ଉଦୟଗିରି,୯।୫ (ଡି.ଏନ୍.ଏ.):** ଜି.ଉଦୟଗିରି ଥାନା ଅଧୀନସ୍ଥ କଳିଙ୍ଗା ଘାଟିରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଜଣେ କାର୍ ମାଲିକଙ୍କୁ ମାଡ ମାରି ଦୁର୍ବୃତ୍ତ କାର ଓ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଜି. ଉଦୟଗିରି ହାତୀବାଲି ସାହିର ରମେଶ ନାୟକ। ପ୍ରକାଶ ଯେ, ରମେଶ ନାୟକ ତାଙ୍କ କାର (ନଂ.ଓଡି୦୨ସି-୮୫୫୯) ଯୋଗେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କ ଗାଁ ଇଟାମାଟି ନିକଟସ୍ଥ ଜହ୍ନିପଦା ଯାଉଥିଲେ। କଳିଙ୍ଗା ଘାଟିରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ତାଙ୍କ କାରକୁ ଅଟକାଇଥିଲେ। ରମେଶ ଅଟକିବା ପରେ ତାଙ୍କୁ ଟାଣିଆଣି ମାଡ ମାରିବା ସହ ଘାଟି ତଳକୁ ଠେଲି ଦେଇଥିଲେ। ପରେ କାର ଓ ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଥିଲେ। ପ୍ରାୟ ୨ ଘଣ୍ଟା ପରେ ରମେଶଙ୍କ ଚେତା ଫେରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ଜି. ଉଦୟଗିରି ହସ୍‌ପିଟାଲରେ ପହଞ୍ଚିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ସେ ଜି.ଉଦୟଗିରି ଥାନାରେ ରାତି ପ୍ରାୟ ସାଢେ ୯ଟାରେ ପହଞ୍ଚି ଅଭିଯୋଗ କରିଥିଲେ। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ମାଂସ ଦରଦାମ୍ ନିୟନ୍ତ୍ରଣ ନେଇ ବୈଠକ ୧୪ରେ

**ଜୟପୁର,୯।୫ (ଡି.ଏନ.ଏ):** କୋରାପୁଟ ଜିଲା ଜୟପୁର ସହରରେ ଛେଳି ଓ କୁକୁଡା ମାଂସର ଦର ମନଇଚ୍ଛା ବୃଦ୍ଧି ପାଉଛି । ଏନେଇ ପ୍ରଶାସନ ପକ୍ଷରୁ ଆସନ୍ତା ୧୪ ତାରିଖରେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହେବ । ୨ୟ ଦୈନିକ ବଜାରରେ ଥିବା ମାଂସ ଦୋକାନୀ, କୁକୁଡା ଯୋଗାଣକାରୀ ପାଇକାରୀ ବ୍ୟବସାୟୀଙ୍କ ସମେତ ପୌରସଂସ୍ଥାର ସ୍ୱାସ୍ଥ୍ୟ, ପଶୁଧନ ବିଭାଗ. ବଜାର୍ ନିୟନ୍ତ୍ରିତ କମିଟି ଅଧିକାରୀମାନଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର କୋରାପୁଟ, ବୋରିଗୁମ୍ମା, କୋଟପାଡ ପ୍ରଭୃତି ସହରଠାରୁ ଜୟପୁର ବଜାରରେ ଛେଳି, ଖାସି ଏବଂ କୁକୁଡା ମାଂସର ଦର ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଛି ବୋଲି ଅଭିଯୋଗ ହେଉଛି । ତେଣୁ ଅନ୍ୟ ସହରର ମାଂସ ବ୍ୟବସାୟୀଙ୍କ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବାକୁ କୁହାଯାଇଛି । ସେହିପରି ପୌରସଂସ୍ଥାର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ କଂସେଇ ଖାନାରେ ମାଂସର ମାନ ଯାଞ୍ଚ ପରେ ଗ୍ରାହକଙ୍କୁ ବିକ୍ରି କରିବା ନିୟମ ରହିଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହୋଇଛି।

### ତେଲଙ୍ଗାନା ଅଞ୍ଚଳରେ ଚୋରି: ଖାନତଲାସି କରିବାକୁ ଆସି ହୀନସ୍ତା

# ଗଞ୍ଜାମରେ ମାଡ଼ ଖାଇଲା ତେଲଙ୍ଗାନା ପୋଲିସ

**ପାଟପୁର,୯।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପିଲାଚୋର ଓ ନକଲି ପୋଲିସ ସନ୍ଦେହରେ ଲୋକେ ତେଲଙ୍ଗାନାର ଅସଲି ପୋଲିସକୁ ନିସ୍ତୁକ ମାଡ ମାରିଛନ୍ତି। ଲୋକଙ୍କ ମାଡରେ ଗୁରୁତର ହୋଇଥିବା ତେଲଙ୍ଗାନା ପୋଲିସକୁ ପାଟପୁର ପୋଲିସ ଉଦ୍ଧାର କରିଛି।

ପ୍ରକାଶ ଯେ, ହାଇଦ୍ରାବାଦ ଆଲୁୱାଲା ଜିଲା ପୋଲିସ ଡେଙ୍ଗାଡି ଗ୍ରାମର ସନାତନ ସ୍ୱାଇଁଙ୍କ ପୁଅ ମନୋଜ ସ୍ୱାଇଁ (୨୪) ଓ ବାଲେଶ୍ୱର ଜିଲା ବାଲିଆପାଳର ତାଙ୍କ ପ୍ରେମିକାଙ୍କୁ ତେଲଙ୍ଗାନା ଅଞ୍ଚଳର ଏକ ଡକାୟତି ଓ ଚୋରି କେସରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବୟାନ ଆଧାରରେ ତେଲଙ୍ଗାନା ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚର ୧୧ଜଣିଆ ଟିମ୍ ମନୋଜଙ୍କ ଗାଁ ଡେଙ୍ଗାଡିକୁ ଗୁରୁବାର ସର୍ଚ୍ଚ ପାଇଁ ଆସିଥିଲେ। ଭୋର ପ୍ରାୟ ସାଢେ ୬ଟାରେ ୨ଟି କାରରେ ୧୧ ଜଣିଆ ଟିମ୍ ମନୋଜ ଓ ତାଙ୍କ ପ୍ରେମିକାଙ୍କୁ ଧରି ଡେଙ୍ଗାଡି ଗ୍ରାମରେ ପହଞ୍ଚିଥିଲେ। ମନୋଜଙ୍କ ଘର ଖାନ୍‌ତଲାସି କଲା ପରେ ସେଠାରୁ ଚୋରି ସାମଗ୍ରୀ ପାଇ ନ ଥିଲେ। ପରେ


ଉତ୍ତ୍ୟକ୍ତ ଗ୍ରାମବାସୀ।


ଭଙ୍ଗାରୁଜା ହୋଇଥିବା କାର।

■ତେଲଙ୍ଗାନାର ପୋଲିସକୁ ନକଲି ଭାବି ପିଟିଲେ ଲୋକେ

■ଉଦ୍ଧାର କଲା ପୋଲିସ

ଅଭିଯୁକ୍ତଙ୍କୁ ଧରି ପୋଲିସ ଆସିଥିବା ଗାଡି ପାଖକୁ ଯାଇ ବସିବା ବେଳେ ମନୋଜଙ୍କ ମା' ଓ ବାପା ବଡ ପାଟିରେ ପିଲାଚୋର ମୋ ପୁଅକୁ ନେଇ ଯାଉଛନ୍ତି କହି ପାଟି କରିଥିଲେ। ଗାଁ ଲୋକେ ପାଟିଶୁଣି ରୁଣ୍ଡ ହୋଇଯାଇଥିଲେ। ପୋଲିସଙ୍କୁ ଆପଣମାନେ କିଏ, କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ। ମାତ୍ର ତେଲେଙ୍ଗାନା ପୋଲିସ ଓଡ଼ିଆ ଭାଷା ବୁଝିପାରିନଥିଲେ। ହିନ୍ଦୀ ଭାଷାରେ ଉତ୍ତର ଦେବାରୁ ଗାଁ ଲୋକଙ୍କ ସନ୍ଦେହ ବଢିଥିଲା। ପରେ ସମ୍ପୃକ୍ତ ପୋଲିସ କର୍ମଚାରୀ ତାଙ୍କ ପରିଚୟପତ୍ର ଦେଖାଇଥିଲେ। ମାତ୍ର ସେଥିରେ ଇଂଲିଶ ଓ ତେଲୁଗୁରେ ଲେଖାଥିବାରୁ ଲୋକେ କିଛି ବୁଝି ନ ପାରି ନକଲି ପୋଲିସ ଭାବିଥିଲେ। ପରେ ଠେଙ୍ଗାବାଡି ସହ ପଥରରେ ସେମାନଙ୍କୁ ଆକ୍ରମଣ କରିବା ସହ କାର୍ ଭଙ୍ଗାରୁଜା କରିଥିଲେ। ପ୍ରଥମ ଗାଡିରୁ ସମସ୍ତେ ବାହାରିବା ପରେ ସେମାନଙ୍କୁ ଛାଡି ଦ୍ୱିତୀୟ ଗାଡି ପାଖକୁ ଆସି ସେଥିରେ ବସିଥିବା ୩ ଜଣ ଷ୍ଟାଫ୍ ଓ ଅଭିଯୁକ୍ତମାନଙ୍କୁ ବାହାରକୁ ବାହାରିବା ପାଇଁ ଲୋକେ ବାଧ୍ୟ କରିଥିଲେ। ମାତ୍ର ଗହଳି ଭିତରେ ଅଭିଯୁକ୍ତମାନେ ଖସିଯିବା ଆଶଙ୍କାରେ ପୋଲିସ କର୍ମଚାରୀମାନେ କାରର ଡୋର୍ ଖୋଲି ନ ଥିଲେ। ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ଗାଡିର କାଚ ଭାଙ୍ଗି ୩ ଜଣ ଷ୍ଟାଫଙ୍କୁ ନିର୍ଘୃମ ପିଟିଥିଲେ। ଲୋକଙ୍କ ଆକ୍ରମଣରେ ହାଇଦ୍ରାବାଦ ସାଇବାବାଦ୍ କମିଶନରେଟ ପୋଲିସର ପି. ରବି କୁମାର, ଏସ. ଶ୍ରୀନିବାସ ରେଡ୍ଡୀ, ବି. ଶେଖର ପ୍ରମୁଖ ଆହତ ହୋଇଥିଲେ। ଖବର ପାଇ ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ସଦଳବଳ ପହଞ୍ଚି ଆହତ ୩ ପୋଲିସଙ୍କୁ ଉଦ୍ଧାର କରି ସ୍ଥାନୀୟ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଅନ୍ୟ ପୋଲିସ ଓ ୨ଅଭିଯୁକ୍ତଙ୍କୁ ନେଇ ମନୋଜଙ୍କ ଘର ସର୍ଚ୍ଚ କରିଥିଲେ। ଉଭୟ ପୋଲିସ ଷ୍ଟାଫ ସେଠାରେ ବହୁ ସମୟ ଖୋଜାଖୋଜି ପରେ କିଛି ସୁନା ଗହଣା ଓ ନଗଦ ଟଙ୍କା ପାଇଥିଲେ। ପରେ ମନୋଜ ଓ ତାଙ୍କ ପ୍ରେମିକାଙ୍କ ସହ ବାପା ସନାତନଙ୍କୁ ଧରି ପାଟପୁର ଥାନାକୁ ଆଣିଥିଲେ। ସେଠାରୁ ତେଲଙ୍ଗାନା ପୋଲିସ ଟିମ୍ ମନୋଜ, ତାଙ୍କ ପ୍ରେମିକା ଓ ବାପାଙ୍କୁ ନେଇ ତେଲେଙ୍ଗାନା ଅଭିମୁଖେ ଯାଇଥିଲେ।

### ଅଟୋ ଦୁର୍ଘଟଣାରେ ଯୁବକ ମୃତ

**ପାରଳାଖେମୁଣ୍ଡି, ୯।୫ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ-ହାଟପଦା ନିକଟସ୍ଥ ନୂଆଁସାହି ଗ୍ରାମଠାରେ ଏକ ଅଟୋରିକ୍ସା ଦୁର୍ଘଟଣା ହୋଇଛି। ଫଳରେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି ଗୁରୁବାର ମଧ୍ୟାହ୍ନ ୧୨ଟାରେ କୈଳାସ ବଡଭୂୟାଁ(୨୧) ନାମକ ଜଣେ ଯୁବକ ଏକ ଅଟୋ ( ଓଡି୨୦ଏ- ୩୮୬୬) ଚଳାଇ ଯାଉଥିବା ସମୟରେ ନୂଆଁସାହି ଗ୍ରାମ ନିକଟରେ କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କୈଳାସ ଏକ ଅଟୋ ଶୋରୁମ୍‌ରେ କାମ କରନ୍ତି। ସେ ଶୋରୁମ ଅଟୋ ଧରି ଆସୁଥିଲେ। ଅଟୋଟି ଓଲଟି ପଡି ତାଙ୍କ ଉପରେ ପଡିଥିଲା। ସ୍ଥାନୀୟ ଲୋକେ ଅଟୋଟିକୁ ଉଠାଇଥିଲେ ମଧ୍ୟ କୈଳାସଙ୍କୁ ବଞ୍ଚାଇ ପାରି ନ ଥିଲେ। ଦୁର୍ଘଟଣା ସମୟରେ ଅଟୋରେ ଚାଳକଙ୍କ ସମେତ ଅନ୍ୟଜଣେ ଉପସ୍ଥିତ ଥିଲେ ମଧ୍ୟ ତାଙ୍କର କୌଣସି କ୍ଷତି ଘଟିନାହିଁ। ଏ ସମ୍ପର୍କରେ ଖବରପାଇ ଆର୍.ଉଦୟଗିରି ଥାନା ଅଧିକାରୀ କୁଳମଣି ସେଠୀ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଲୁଟ୍ ଘଟଣା

## ୫ ଗିରଫ: ଟଙ୍କା, ବୋମା ଜବତ

**ଶଙ୍କରାଖୋଲ,୯।୫(ଡି.ଏନ.ଏ.)**

ଚକାପାଦ ଥାନା କଖାରୁଖୋଲା ପଞ୍ଚାୟତ ଘାଟିଗୁଡାରେ ଗତ ୨୬ ଏପ୍ରିଲ ବିଳମ୍ବିତ ରାତିରେ ୯ ଜଣ ଦୁର୍ବୃତ୍ତ ବୋଲେରୋରେ ଆସି ବନ୍ଧୁକ ଦେଖାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ପଟ୍ଟନାୟକଙ୍କ ଘରୁ ଡକାୟତି କରିଥିଲେ। ଏହି ଘଟଣାରେ କନ୍ଧମାଳ ଏସ୍‌ପି ପ୍ରତୀପ ସିଂଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲା। ଏହି ଟିମ୍ ଦଶପଲ୍ଲା, ନୟାଗଡ ଓ ଇଟାମାଟି ଆଦି ଅଞ୍ଚଳରୁ ଚଢାଉ କରି ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଶପଲ୍ଲା ଥାନା ଅଞ୍ଚଳ ରଥିପୁର ଚିଳିପଥର ଗ୍ରାମର ଟୁଲୁ ନାୟକ, ଧର୍ମେନ୍ଦ୍ର ନାୟକ, ଗୋପାଳପୁର ଟାକରା ଗ୍ରାମର ଗୋପବନ୍ଧୁ ପ୍ରଧାନ, ତିଳାବାଡି ଗ୍ରାମର ଶଙ୍କର ନାୟକ, ଚିଳିପଥର ଗ୍ରାମର ସୁଶାନ୍ତ ଷଡଙ୍ଗୀ। ତାଙ୍କଠାରୁ ନଗଦ ୧୦ ହଜାର ୫ଶହ ଟଙ୍କା, ଗୋଟିଏ ସୁନାମାଳି, ବ୍ୟବହୃତ ଧଳାରଙ୍ଗର ବୋଲେରୋ ଗାଡି, ୪ ଖଣ୍ଡା, ଗୋଟିଏ ଭୁଜାଲି, ୫ ଅଫୁଟା ବୋମା ଆଦି ଜବତ କରାଯାଇଛି। ଏମାନଙ୍କ ନାମରେ ଦଶପଲ୍ଲା, ନୟାଗଡ ଓ ଇଟାମାଟି ଥାନାରେ ଏକାଧିକ ମାମଲା ରହିଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନା ଅଧିକାରୀ ତପନ ତରୁଣ ବେହେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପ୍ରକାଶ ଯେ, ନେଡିଗୁଡା ଗ୍ରାମରେ ଜୟ ବିବାହ କରି ଘରଜ୍ୱାଇଁ ଭାବେ ରହୁଥିଲେ।


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଶିକ୍ଷକ ସୁବାସ ପଟ୍ଟନାୟକଙ୍କ ଟ୍ରାକ୍ଟରରେ ସେ ମଜୁରିଆ ଭାବେ କାମ କରୁଥିଲେ। ଏହାର ଭିତରେ ଶିକ୍ଷକଙ୍କ ଘରକୁ ଯିବାଆସିବା କରିବା ସହ କେଉଁଠି କେଉଁ ଜିନିଷ ରହୁଥିଲା ଜାଣିଥିଲେ। ଏହାପରେ ସେ ଉକ୍ତ ଡକାୟତମାନଙ୍କ ସହ ଯୋଗାଯୋଗ କରି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଘଟଣାଦିନ ଅବସରପ୍ରାପ୍ତ ଶିକ୍ଷକ ପଟ୍ଟନାୟକଙ୍କ ଘର ପଛ ପାଖରେ ବୋଲେରୋରେ ୯ ଜଣ ଦୁର୍ବୃତ୍ତ ଆସି ଲୁଚି ରହିଥିଲେ। ରାତି ସାଢେ ୧୧ଟାରେ ଶିକ୍ଷକ ସୁବାସ ପଟ୍ଟନାୟକଙ୍କ ପୁଅ ପ୍ରଶାନ୍ତ ପଟ୍ଟନାୟକ ପରିସ୍ରା ପାଇଁ ଘରର ପଛକବାଟ ଖୋଲି ବାହାରକୁ ଆସିଥିବାବେଳେ ସେହି ସମୟରେ ଛପି ରହିଥିବା ଦୁର୍ବୃତ୍ତମାନେ ପ୍ରଶାନ୍ତଙ୍କୁ ବନ୍ଧୁକ ଦେଖାଇ ଘର ଭିତରକୁ ନେଇଥିଲେ। ଘର ଭିତରେ ଥିବା ଅନ୍ୟ ୫ ଜଣଙ୍କୁ ମଧ୍ୟ ବନ୍ଧୁକ ଦେଖାଇ ଭୟଭୀତ କରାଇ ୧୦ ଭରି ସୁନା, ନଗଦ ୬୦ ହଜାର ଟଙ୍କା, ମୋବାଇଲ ୪ଟି, ରୂପା ଦୁଇ ତୋଳା ଲୁଟି ନେଇଥିଲେ। ଗ୍ରାମବାସୀ ଜାଣିପାରି ଉକ୍ତ ଡକାୟତଙ୍କୁ ଧରିବାକୁ ଚେଷ୍ଟା କରୁଥିବାବେଳେ ସେମାନେ ବୋମା ଫୁଟାଇ ଭୟଭୀତ କରି ପଳାଇଥିଲେ। ମାତ୍ର ଟୁଲୁ ନାୟକଙ୍କୁ ଗ୍ରାମବାସୀ ଦେଖିପାରି ପୋଲିସକୁ କହିଥିଲେ। ପରେ ଚକାପାଦ ପୋଲିସ ଟୁଲୁକୁ ଥାନାକୁ ଆଣି ପଚରାଉଚରା ପରେ ତାଙ୍କ ସୂଚନା ଆଧାରରେ ଅନ୍ୟମାନଙ୍କୁ ଧରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

### ଖରାରେ ଚାଲିଛି ସାମର୍ଥ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କୋରାପୁଟ,୯।୫(ସ୍ୱ.ପ୍ର)**

ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାବେଳେ କୋରାପୁଟ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ସାମର୍ଥ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ଏହାକୁ ନେଇ ଜିଲାର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗତ ୭ ତାରିଖରୁ କୋରାପୁଟ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଜୟପୁର ଓ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ୧୦ ଦିନିଆ ଶିବିର ଆସନ୍ତା ୧୬ ତାରିଖ ଯାଏ ଚାଲିବ । ଏଥିରେ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଓଡିଆ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଦିନ ଦୂର ଦୂରାନ୍ତରୁ ଆସି ପ୍ରଶିକ୍ଷଣ ନେଉଛନ୍ତି । ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ଏହି ସାମର୍ଥ୍ୟ କାର୍ଯ୍ୟକ୍ରମ ବନ୍ଦ ରହିଛି । କିନ୍ତୁ କେବଳ କୋରାପୁଟ ଶିକ୍ଷା ମଣ୍ଡଳ ଅୀନରେ ଏହି କାର୍ଯ୍ୟକ୍ରମ ଚାଲୁ ରହୁଥିବାରୁ ଜିଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ କୋରାପୁଟ ଜିଲା ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି ।

## ଆର. ଉଦୟଗିରିରେ ଚାଲିଛି ଠାକୁରାଣୀ ଯାତ୍ରା


ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ପାରଳାଖେମୁଣ୍ଡି, ୯।୫ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ସଦର ମହକୁମାସ୍ଥିତ ଚାଞ୍ଚଡା ସାହିରେ ମା'ଶାରଳା ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରା ତଥା ଘଟପର୍ବ ଚାଲିଛି । ଦୀର୍ଘ ୧୦ ଦିନ ଧରି ଚାଲୁଥିବା ଏହି ଯାତ୍ରା ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରା ଚାଞ୍ଚଡା ସାହି, ଦିଗବାରଣ ସାହି, ତେନ୍ତୁଳି ସାହିବାସୀ ଆୟୋଜନ କରିଥାନ୍ତି । ଏଥିରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଆର୍.ଉଦୟଗିରିର ପ୍ରତ୍ୟେକ ସାହିକୁ ବିଭିନ୍ନ ରଙ୍ଗିନ୍ ଆଲୋକରେ ସଜ୍ଜିତ କରି ମା'ଙ୍କୁ ସ୍ୱାଗତ କରିଥାନ୍ତି । ଗତ ୭ରେ ମା'ଙ୍କ ମୁଖ୍ୟ ମନ୍ଦିରରୁ ଘଟକୁ ଆଣି ଚାଞ୍ଚଡାସାହି ମନ୍ଦିରରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି ମନ୍ଦିରରେ ମା' ୧୦ଦିନ ଧରି ପୂଜା ପାଇବେ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି । ଏଥିପାଇଁ ଗତ ୮ରେ ମା'ଙ୍କ ଘଟପର୍ବକୁ ଲୋକେ ନିଜ ନିଜ ମୁଣ୍ଡରେ ଧରି ନଗର ପରିକ୍ରମା କରିଥିଲେ। ପ୍ରତିଦିନ ମା'ଙ୍କ ବିଭିନ୍ନ ପୂଜାର୍ଚ୍ଚନା ବିଧି ମୁତାବକ ହେଉଛି। ମାନସିକଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରୁଥିବା ଦେଖିବାକୁ ମିଳୁଛି । ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି ବୋଲି ଯାତ୍ରା କମିଟିର ସଭାପତି କୈବଲ୍ୟ ବେହେରା, ସମ୍ପାଦକ ଜଗନ୍ନାଥ ଦଳାଇ କହିଛନ୍ତି । ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ପଦକ୍ଷେପ ନିଆଯାଇଛି।

### ■ହୋଟେଲରେ ନିମ୍ନମାନର ଖାଦ୍ୟ ବିକ୍ରି

## ହେଉନି ଯାଞ୍ଚ, ଚଢାଉ

**ଜୟପୁର,୯।୫ (ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ସହରରେ ଥିବା ହୋଟେଲ ଗୁଡିକରେ ପୌରସଂସ୍ଥାର ସ୍ୱାସ୍ଥ୍ୟ ବିଭାଗ କିମ୍ବା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ଚଢାଉ କିମ୍ବା ଯାଞ୍ଚ କରାଯାଉ ନାହିଁ । କିଛି ମାସ ପୂର୍ବେ ସହରର ଏମ.ଜି ରୋଡଠାରେ ଥିବା ଏକ ହୋଟେଲରୁ ସିଙ୍ଗଡାରୁ ମଲା ଅସରପା ବାହାରିଥିଲା । ଏ ନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା । ପୌରସଂସ୍ଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇ ନୋଟିସ ଜାରି କରାଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ସହରର ବିଭିନ୍ନ ରାସ୍ତା ପାର୍ଶ୍ୱ ଫୁଟପାଥ ଜଳଖିଆ, ବିରିୟାନି ଏବଂ ଫାଷ୍ଟଫୁଡ ହୋଟେଲଗୁଡିକରେ ରନ୍ଧନ ତେଲ, ଟମାଟୋ, ମରିଚ ଏବଂ ସୋୟା ସୋଶ ନିମ୍ନମାନର ବ୍ୟବହାର କରାଯାଉଛି । ଏମିତି କି ବିଶୁଦ୍ଧ ପିଇବା ପାଣି ମଧ୍ୟ ପ୍ରଦାନ କରାଯାଉନାହିଁ । ଏଥିନେଇ ପ୍ରଶାସନ ଏବଂ ପୌରସଂସ୍ଥାର ସ୍ୱାସ୍ଥ୍ୟ ବିଭାଗ ଏକ ପ୍ରକାର ଅଣଦେଖା କରୁଛି । ଏହିପରି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଗ୍ରାହକଙ୍କୁ ଅଧିକ ଦରରେ ବିକ୍ରି କରାଯାଉଛି। ଖାଦ୍ୟର ମାନ ଯାଞ୍ଚ କିମ୍ବା ଦରର ନିୟନ୍ତ୍ରଣ ପ୍ରତି ପ୍ରଶାସନ ସଜାଗ ରହୁ ନାହିଁ । ଏଥିନେଇ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ପ୍ରଶାସନ ଏକ ପ୍ରକାର ନୀରବ ପାଲଟିଛି । ଏ ନେଇ ଉପଜିଲାପାଳଙ୍କୁ ଯୋଗାଯୋଗ ସମ୍ଭବ ହୋଇନାହିଁ । କିନ୍ତୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ, ଅତିଶୀଘ୍ର ଜଣେ ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ ଯୋଗାଣ ଅଧିକାରୀ, ପୌରସ୍ୱାସ୍ଥ୍ୟ ବିଭାଗକୁ ନେଇ ଏକ ଦଳ ଗଠନ କରାଯାଇ ନିୟମିତ ଚଢାଉ ଓ ଯାଞ୍ଚ କରିବାକୁ ପ୍ରସ୍ତାବ ରହିଛି ବୋଲି କୁହାଯାଇଛି ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଉତ୍ତମ ଦେଲେ ୫ ଲକ୍ଷ

**ମାଲକାନଗିରି, ୯।୫ (ଡି.ଏନ.ଏ./ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ବିପନ୍ନ ଲୋକଙ୍କ ପାଇଁ ମାଲକାନଗିରି ଜିଲାର ସମାଜସେବୀ ଉତ୍ତମ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କା ସହ ୫ଟି ଜେନେରେଟର ପ୍ରଦାନ କରିଛନ୍ତି। ସେ ଗୁରୁବାର ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଭେଟି ଚେକ୍ ପ୍ରଦାନ କରିବା ସହ ଭୁବନେଶ୍ୱରରେ ୫ଟି ଜେନେରେଟର ପ୍ରଦାନ କରିଛନ୍ତି । ପୂର୍ବରୁ ସମାଜସେବୀ ମଲ୍ଲିକ ମାଲକାନଗିରି ଜିଲାରେ ଲୌହଯୁକ୍ତ ପାନୀୟ ଜଳ ବହୁ ପରିମାଣରେ ବାହାରଥିବାରୁ ଏହାକୁ ବ୍ୟବହାର କରି ବହୁ ଗ୍ରାମରେ କିଡ଼ନୀ ରୋଗ ବ୍ୟାପୁଥିଲ। ଏହାକୁ ଦୃଷ୍ଟିରେ ରଖି ସେ ୧୦ଟି ପ୍ୟୁରିଫାଇୟର ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରି ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଥିଲେ। ଲୋକେ ତାଙ୍କୁ ଜଳଦୂତ ଭାବେ ଅଭିହିତ କରି ପ୍ରଶଂସା କରିଛନ୍ତି। ଏବେ ସେ ଏମ.ପି.ଭି-୮୩ ଓ କୁନନପାଲି ଗ୍ରାମରେ ଆଉ ୨ଟି ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରୁଛନ୍ତି। ପ୍ରତ୍ୟେକ ପାନୀୟ ଜଳ ପ୍ରକଳ୍ପ ପାଇଁ ସେ ୫/୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ବାତ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇ ସେ ମାନବିକତାର ପରିଚୟ ଦେଇଛନ୍ତି। ଏହି ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ସମାଜସେବୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ରୋଜଗାର ଅର୍ଥକୁ ସେ ଲୋକଙ୍କ ସେବାରେ ଲଗାଉଛନ୍ତି । ଗରିବ ପିଲାମାନଙ୍କ ପାଇଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ନୃସିଂହ ମହାନ୍ତି, ସମ୍ପାଦକ ଲମ୍ବୋଦର ତୁରୁକ୍, ଆଇନଜୀବୀ ଅନିମେଶ ଦାସ, ବିଷ୍ଣୁ ପ୍ରସାଦ ନାଳା, ଗୋପାଳକୃଷ୍ଣ ପଣ୍ଡା, ଗୌତମ ସରକାର, ଶଙ୍କର ଶାହା, ଚିନ୍ମୟ ରାୟ, ରତିକୃଷ୍ଣ ପାତ୍ର, ରାଜେଶ ପଟ୍ଟନାୟକ, ମାନସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।


ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ ଅବସରରେ ଉତ୍ତମ।

## ବାଡ଼ମଗୁଡ଼ାରେ ପାନୀୟ ଜଳ ସଙ୍କଟ


କୂଅରେ ଜଳସ୍ତର କମିଯାଇଛି।

**ବୈପାରୀଗୁଡା,୯।୫(ଡି.ଏନ୍.ଏ)**

ପ୍ରବଳ ଖରା ଯୋଗୁ ଜଳ ସ୍ତର ଖସିବାକୁ ଲାଗିଛି । ଫଳରେ କୂଅ ,ପୋଖରୀ ସବୁ ଶୁଖିବାକୁ ବସିଲାଣି । ପାନୀୟ ଜଳ ଟିକେ ପାଇଁ ସବୁଆଡ଼େ ହାହାକାର ପରିସ୍ଥିତି । ଏମିତି ଜଳ ସଂକଟ ଭୋଗୁଛନ୍ତି ବୈପାରୀଗୁଡ଼ା ବ୍ଲକ ପୂଜାରୀଗୁଡା ପଞ୍ଚାୟତ ବାସିନ୍ଦାର ବାଡମଗୁଡା ଗାଁ ଲୋକେ ।

ବାଡମଗୁଡା ଗାଁରେ ୧୭ ପରିବାର ବସବାସ କରୁଛନ୍ତି। ଏଠାରେ ଗୋଟିଏ କୂଅ ଓ ନଳକୂପ ରହିଛି। ଦୀର୍ଘ ଦିନ ହେଲା ନଳକୂପଟି ଅଚଳ ହୋଇପଡ଼ିଛି। କୂଅରେ ଜଳସ୍ତର ବହୁତ ତଳକୁ ଖସିଯାଇଛି । ମହିଳାମାନେ ଗାଁଠାରୁ ପ୍ରାୟ ୨କି.ମି ଦୂର ଚାଷ ଜମିରେ ଥିବା ଏକ ଚୁଆରୁ ପାଣି ସଂଗ୍ରହ କରି ଆଣୁଛନ୍ତି । ଫଳରେ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁନାହାନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ